# ପ୍ରିୟଦର୍ଶନୀ ପଣ୍ଡା

ଜନ୍ମ: (୧୯୫୫-.....) ମସିହା

ଶ୍ରୀମତୀ ପ୍ରିୟଦର୍ଶନୀ ପଣ୍ଡା ଏକାଧାରରେ ଜଣେ ସଫଳ ଗାଳ୍ପିକା, କବି ଓ ଔପନ୍ୟାସିକା । ନାରୀ ଉପରେ ଘଟୁଥିବା ନିର୍ଯ୍ୟାତନା, ଅତ୍ୟାଚାର, ସେଥିପାଇଁ ତାର ଅନ୍ତର୍ଦାହ, ଆତ୍ମ ସମୀକ୍ଷା ଓ ପ୍ରତିବାଦ ହିଁ ତାଙ୍କ ଲେଖନୀରେ ବାସ୍ତବରୂପ ନେଇଥାଏ । ତାଙ୍କର ପୁସ୍ତକ-

ତପସ୍ୟା, ଅର୍ଦ୍ଧସତ୍ୟ, ବିଜୟନୀ (ଉପନ୍ୟାସ)

**ତପସ୍ୟା,** ପୃଷ୍ଠା-......, ପ୍ରକାଶକାଳ-୨୦୦୨, ମୂଲ୍ୟ- ଟ.୮୦/-

ଗଳ୍ପ ସଂକଳନ । କୋଡ଼ିଏଟି ଅନନ୍ୟ ଗଳ୍ପରେ ରୁଦ୍ଧିମନ୍ତ । ଯାହାକି ପାଠକର ହୃଦୟକୁ ଛୁଇଁଥାଏ । ଏହା 'ମେଡ଼ିଟେସନ୍' ନାମରେ ଡ.ଅନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ହୋଇଛି ।

**ଅର୍ଦ୍ଧସତ୍ୟ,** ପୃଷ୍ଠା-୧୨୬, ପ୍ରକାଶକାଳ-୨୦୦୫, ମୂଲ୍ୟ-୯୦/-

ଗଳ୍ପ ସଂକଳନ । ଏଥିରେ ବାଇଶିଟି ଗଳ୍ପ ସନ୍ନିବେଶିତ । ପ୍ରତିଟି ଗଳ୍ପ ହିଁ ସତ୍ୟର ଆଳାପ ମାତ୍ର । ଏହା ଅନେକ ପାଠକୀୟ ଶ୍ରଦ୍ଧା ଲାଭ କରିପାରିଛି ।

**ବିଜୟିନୀ,** ପୃଷ୍ଠା-୯୨, ପ୍ରକାଶକାଳ-୨୦୦୮, ମୂଲ୍ୟ-ଟ. ୮୦/-

ଉପନ୍ୟାସ । ଏ ଉପନ୍ୟାସଟି ପାଠ କଲେ ପାଠକ କୌଣସି ସ୍ୱପ୍ନ ରାଜ୍ୟରେ ବା କଳ୍ପଲୋକରେ ଭାସିଯିବେ ନାହିଁ । ବରଂ ତାଙ୍କୁ ଲାଗିବ କେଉଁଠି ଦେଖିଛି ମୁଁ ଏ ନାରୀଟିକୁ ....... ପାଖ ପଡ଼ିଶାରେ ନା ନିଜ ଘର ଅଗଣାରେ .... ? ଏ ଉପନ୍ୟାସଟି ୨୦୦୯ କଳିଙ୍ଗ ପୁସ୍ତକ ମେଳାରେ ଶ୍ରେଷ୍ଠ ଉପନ୍ୟାସ ଭାବରେ ପୁରସ୍କୃତ ହୋଇଅଛି । ବିଜୟିନୀ ମଧ୍ୟ 'ଉଇନର' ନାମରେ ଡ. ଆନନ୍ଦା ପଟ୍ଟନାୟକଙ୍କ ଦ୍ୱାରା ଇଂରାଜୀରେ ଅନୂଦିତ ହୋଇଛି ।